
୨୪/୧୨/୨୦୨୫ (ବୁଧବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ

ଟ. ୭,୬୧,୭୯୫/- ସୁନା: ୦୦.୦୦୦ ଗ୍ରାମ୍ ରୁପା: ୦୦.୦୦୦ ଗ୍ରାମ୍





▶ ସେବାୟତ-ପୁଲିସ ସମନ୍ୱୟ ବୈଠକ

# ଶୃଙ୍ଖଳିତ ହେବ ନୂଆବର୍ଷ ଦର୍ଶନ ବ୍ୟବସ୍ଥା



ପୁରୀ,୨୪।୧୨(ସମିସ): ଆସନ୍ତା ୩୧ ଡିସେମ୍ବର ଓ ନୂଆବର୍ଷ ଅବସରରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଆଗମନ ହେବ। ତେଣୁ ସୁରକ୍ଷା ସହିତ ଶୃଙ୍ଖଳିତ ଦର୍ଶନ ଲାଗି ବୁଧବାର ସେବାୟତଙ୍କ ସହିତ ପୁରୀ ପୁଲିସର ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏସ୍‌ପି ପ୍ରତୀକ୍ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଶ୍ରୀମନ୍ଦିର ସେବାୟତ ଓ ପୁଲିସର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଠକରେ ପତିତପାବନ ବାନା ପରିବର୍ତ୍ତନ ସମୟ, ମନ୍ଦିର ଭିତରେ ବେଢ଼ା ଅଞ୍ଚଳରେ ଭିଡ଼ ପରିଚାଳନା, ଶ୍ରଦ୍ଧାଳୁଙ୍କ ସୁରକ୍ଷା ଓ ଶୃଙ୍ଖଳା ରକ୍ଷା ସମ୍ପର୍କିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଆଲୋଚନା କରାଯାଇଥିଲା। ଏଥିରେ ନିଷ୍ପତ୍ତି ନିଆଯାଇଛି ଯେ, ପତିତପାବନ ବାନା ପରିବର୍ତ୍ତନ ସମୟରେ ହେଉଥିବା ଭିଡ଼କୁ ପୁଲିସ ନିୟନ୍ତ୍ରଣ କରିବ। ଶ୍ରଦ୍ଧାଳୁମାନେ ଯେପରି ସୁରକ୍ଷିତ ଓ ଶୃଙ୍ଖଳିତ ଦର୍ଶନ କରିପାରିବେ ସେଥିପାଇଁ ଯଥେଷ୍ଟ ପୁଲିସ ବ୍ୟବସ୍ଥା, ବ୍ୟାରିକେଡିଂ ଓ ରେଗୁଲେସନ୍ ବ୍ୟବସ୍ଥା ଗ୍ରହଣ କରାଯିବ। ନବବର୍ଷ ଅବସରରେ ଲକ୍ଷ୍ମୀ ମନ୍ଦିରରେ ହେବାକୁ ଥିବା ଭିଡ ନିୟନ୍ତ୍ରଣକୁ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ଏସ୍‌ପି ଶ୍ରୀ ସିଂ କହିଥିଲେ ଯେ, ୩୧ ଡିସେମ୍ବର ଓ ନବବର୍ଷ ଦିନଗୁଡ଼ିକରେ ମନ୍ଦିରର ନୀତି ନିର୍ଘଣ୍ଟ ସମୟରେ ହେଲେ ଏବଂ ସେବାୟତଙ୍କ ମଧ୍ୟରେ ସମନ୍ୱୟ ରହିଲେ ଶ୍ରଦ୍ଧାଳୁମାନେ ସହଜ, ସୁରକ୍ଷିତ ଓ ସୁମଧୁର ଦର୍ଶନର ସୁଯୋଗ ପାଇପାରିବେ। ପୁଲିସ ଓ ମନ୍ଦିର ପ୍ରଶାସନ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶ, ରେଗୁଲେଶନ ଓ ଶୃଙ୍ଖଳା ବ୍ୟବସ୍ଥାକୁ ସହଯୋଗ କରି ସମସ୍ତେ ମିଶି ନବବର୍ଷ ଦର୍ଶନକୁ ସୁଚାରୁ ଓ ସ୍ମରଣୀୟ କରିବାକୁ ସହଯୋଗ କରିବା ଲାଗି ଏସ୍‌ପି ସମସ୍ତଙ୍କୁ ଅନୁରୋଧ କରିଥିଲେ।

## ଆକର୍ଷଣ ସାଜିଲା ମାହାରୀ, ଗୋଟିପୁଅ ଓ ଓଡ଼ିଶୀ ନୃତ୍ୟ

● ଶ୍ରୀମନ୍ଦିର ମାହାରୀ ପରମ୍ପରା ଉତ୍ସବ



ପୁରୀ,୨୪।୧୨(ସମିସ): ସ୍ଥାନୀୟ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ବୁଧବାର 'ରୂପଶ୍ରୀ କଳା ମନ୍ଦିର' ପୁରୀର ୧୩ତମ ଶ୍ରୀମନ୍ଦିର ମାହାରୀ ପରମ୍ପରା ଉତ୍ସବ-୨୦୨୫ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଆଦିଗୁରୁ ପଦ୍ମଶ୍ରୀ ପଙ୍କଜ ଚରଣ ଦାସଙ୍କୁ ଉତ୍ସର୍ଗୀକୃତ କରାଯାଇଥିଲା। ଏଥିରେ ଲୋକ ସେବକ ମଣ୍ଡଳର କାର୍ଯ୍ୟକାରୀ ଅଧ୍ୟକ୍ଷ ଦୀପକ କୁମାର ମାଲବ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ରୂପେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋର ଅବସରପ୍ରାପ୍ତ ଉପ ଆଇନ ପରାମର୍ଶଦାତା ରାଜଶ୍ରୀ ମହାପାତ୍ର ଏବଂ ବରିଷ୍ଠ ଆଇନଜୀବୀ ପୂର୍ଣ୍ଣଚନ୍ଦ୍ର ଦାସ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ସଙ୍ଗୀତ ଗୁରୁ ଗୌରାଙ୍ଗ ଚରଣ ଖୁଣ୍ଟିଆ, ସାଂସ୍କୃତିକ ସଙ୍ଗଠକ ଜଗବନ୍ଧୁ ଜେନା ଓ ଶିକ୍ଷାବିତ୍ ସାବିତ୍ରୀ ମହାପାତ୍ରଙ୍କୁ 'ଶଶିମଣୀ ଦେବଦାସୀ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ସେହିପରି ଯୁବପ୍ରତିଭା ଭାବେ ଓଡ଼ିଶୀ ପାଇଁ ବିବେକ ମହାନ୍ତିଙ୍କୁ ପରଶମଣୀ ଦେବଦାସୀ ସମ୍ମାନ, ଗୋଟିପୁଅ ଗୁରୁ ଚିତ୍ରସେନ ସ୍ୱାଇଁଙ୍କୁ ହରପ୍ରିୟା ଦେବଦାସୀ ସମ୍ମାନ, ରୋଜାଲିନ ପଣ୍ଡାଙ୍କୁ କୋକିଳପ୍ରଭା ଦେବଦାସୀ ସମ୍ମାନ ଏବଂ କୁମାର ଭୀମସେନଙ୍କ ଶଶୀମଣୀ ଦେବଦାସୀ ସମ୍ମାନ ପ୍ରଦା କରାଯାଇଥିଲା।

କଳା ମନ୍ଦିରର ପ୍ରତିଷ୍ଠାତା ଗୁରୁ ରୂପଶ୍ରୀ ମହାପାତ୍ର ସ୍ୱାଗତ ଭାଷଣ ସହ କାର୍ଯ୍ୟକ୍ରମର ସୂଚନା ପ୍ରଦାନ କରିଥିଲେ। ଅନୁଷ୍ଠାନର ଉପଦେଷ୍ଟା ଦେବାଶିଷ ଦାସଗୁପ୍ତା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମର ପ୍ରଥମ ଅର୍ଘ୍ୟରେ ଗୁରୁ ରୂପଶ୍ରୀ ମହାପାତ୍ର ଓ ସାଥୀଙ୍କ ଦ୍ୱାରା ମାହାରୀ ନୃତ୍ୟ ପରିବେଷଣ କରାଯାଇଥିଲା। ପରେ ଆରାଧନା ନୃତ୍ୟ ଏକାଡେମୀ ପକ୍ଷରୁ ଗୁରୁ ଚିତ୍ରସେନ ସ୍ୱାଇଁଙ୍କ ନିର୍ଦ୍ଦେଶନାରେ ଗୋଟିପୁଅ ନୃତ୍ୟ, କୁମାର ଭୀମସେନ ଓ ଅମ୍ରିତା ଦାସଙ୍କ ଓଡ଼ିଶୀ ଦୈତ ନୃତ୍ୟ, ନୃତ୍ୟାଙ୍ଗନା ରୋଜାଲିନ୍ ପଣ୍ଡାଙ୍କ ଏକକ ଓଡ଼ିଶୀ ନୃତ୍ୟରେ 'କିଏଲୋ ସଜନୀ କଦମ୍ବ ମୂଳେ' ପରିବେଷିତ ହୋଇଥିଲା। ପରିଶେଷରେ ଗୁରୁ ବିବେକ ମହାନ୍ତି ଓ ସାଥୀ 'ବିମଳାଷ୍ଟକମ୍'ପରିବେଷଣ କରିଥିଲେ। ଉଦ୍‌ଘୋଷକ ଶ୍ୟାମ ପ୍ରକାଶ ସେନାପତି ଏବଂ ସ୍ୱଙ୍ଗସୁଧା ଦାସ ମଞ୍ଚ ସଞ୍ଚାଳନ କରିଥିଲେ।

## ଜିଲ୍ଲାସ୍ତରୀୟ ଜାତୀୟ ଖାଉଟି ଦିବସ ପାଳିତ

ପୁରୀ,୨୪।୧୨(ସମିସ): ଜିଲ୍ଲା ସଦ୍‌ଭାବନା ଗୃହରେ ପୁରୀ ଜିଲା୍ଲ ପ୍ରଶାସନ, ଜିଲ୍ଲା ଓଜନ ଓ ମାପ ବିଭାଗ ଅନୁକୂଲ୍ୟରେ ବୁଧବାର ଜାତୀୟ ଖାଉଟି ଦିବସ ପାଳିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ନୀଳ ମାଧବ ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନା ସଭାରେ ଖାଉଟି ସୁରକ୍ଷା ଆଇନ ୨୦୧୯ ଏବଂ ଖାଉଟିମାନଙ୍କର ଅଧିକାର ତଥା ସୁରକ୍ଷା ସମ୍ପର୍କରେ ଉପସ୍ଥିତ ଜନସାଧାରଣଙ୍କୁ ସୂଚନା ପ୍ରଦାନ କରାଯିବା ସହ ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ସଭାରେ ଉପନିୟନ୍ତ୍ରିକା, ଓଜନ ଓ ମାପ ବିଭାଗ ପୁରୀ ପ୍ରଗତି ନାୟକ, ଅତିରିକ୍ତ ଯୋଗାଣ ଅଧିକାରୀ ନିର୍ମଳ କୁମାର ମହାପାତ୍ର, ଡ. ମାନସ ରଞ୍ଜନ ଦାଶ, କୋଣାର୍କ ଏନଏସି ଚେୟାରମ୍ୟାନ ସଂଯୁକ୍ତା ତ୍ରିପାଠୀ ପ୍ରମୁଖ ଯୋଗଦାନ କରି ଖାଉଟି ସଚେତନତାର ବାର୍ତ୍ତା ପ୍ରଦାନ ରିଥିଲେ। କର୍ମଶାଳାରେ ଆଇନଜୀବୀ ବିଜୟାନନ୍ଦ ମିଶ୍ର ଉପସ୍ଥିତ ସଦସ୍ୟମାନଙ୍କୁ ଖାଉଟି ସୁରକ୍ଷା ଆଇନ ସମ୍ପର୍କରେ ତାଲିମ୍ ପ୍ରଦାନ କରିବା ସହ ଏହି ଆଇନର ସୁଫଳ କିପରି ସମସ୍ତଙ୍କୁ ମିଳିପାରିବ ସେ ସମ୍ପର୍କରେ ବୁଝାଇଥିଲେ। ରାଜ୍ୟ ସ୍ତରୀୟ ଖାଉଟି ସ୍ୱଚ୍ଛସେବୀ ଅନୁଷ୍ଠାନ ନିହିଡ଼ା ଦ୍ୱାରା ଏହି କର୍ମଶାଳା ପରିଚାଳନା କରାଯାଇଥିଲା। ପୁରୀ ସହରର ୧୦୦ରୁ ଊର୍ଦ୍ଧ୍ୱ ଖାଉଟି ଏହି ଆଲୋଚନା ସଭା ତଥା କର୍ମଶାଳରେ ଯୋଗଦେଇଥିଲେ। ନିହିଡ଼ାର ସଂପାଦକ ଭକ୍ତ ବିହାରୀ ମିଶ୍ର କର୍ମଶାଳା ପରିଚାଳନା କରିବା ସହ ଖାଉଟିଙ୍କ ପାଇଁ ଥିବା ଡ଼ିଜିଟାଲ ସେବା ଓ ଖାଉଟି ସୁରକ୍ଷା ଆଇନ ୨୦୧୯ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଶଶିଶେଖର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲ୍ଲାରେ ବଢ଼ିଲା ୨୧୪ ବୁଥ୍: ଥିଲା ୧୬୦୯, ହେଲା ୧୮୨୩

ପୁରୀ,୨୪।୧୨(ସମିସ): ପୁରୀ ଜିଲ୍ଲାର ୬ଟି ବିଧାନସଭା ନିର୍ବାଚନମଣ୍ଡଳୀରେ ୨୧୪ଟି ବୁଥ୍ ବଢିଛି। ପୂର୍ବରୁ ଏହି ୬ଟି ନିର୍ବାଚନ ମଣ୍ଡଳୀରେ ମୋଟ ବୁଥ୍ ସଂଖ୍ୟା ୧,୬୦୯ ଥିବାବେଳେ ଏବେ ଏହା ୧,୮୨୩କୁ ବୃଦ୍ଧି ପାଇଛି ବୋଲି ସୂଚନା ଦେଇଛନ୍ତି ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା। ବୁଧବାର ଅପରାହ୍ଣରେ ସର୍କିଟ ହାଉସ୍‌ଠାରେ ବୁଥ୍ ରାସନାଲାଇଜେସନ ବା ବୁଥ୍ ଯୁକ୍ତିଯୁକ୍ତ କରଣର ଚୂଡାନ୍ତ ତାଲିକା ପ୍ରକାଶନ କରି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବେହେରା ଭାରତର ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ କ୍ରମେ ଯେଉଁ ବୁଥ୍‌ମାନଙ୍କରେ ୧,୨୦୦ରୁ ଅଧିକ ଭୋଟର ରହିଥିଲେ ସେଗୁଡିକ ପୁର୍ନଗଠନ ହୋଇଛି। ଏହାଦ୍ୱାରା ଭୋଟରମାନଙ୍କୁ ସୁବିଧା ହେବ ଓ ମତଦାନ ପ୍ରକ୍ରିୟା ତ୍ୱରାନ୍ୱିତ ହେବ। ସମସ୍ତ ବୁଥ୍‌ସ୍ତରରେ ରାଜନୈତିକ ଦଳ ପକ୍ଷରୁ ବୁଥ୍‌ସ୍ତର ଏଜେଣ୍ଟ ଦେବା ପାଇଁ ସେ ଅନୁରୋଧ କରିଥିଲେ। ଏହି ପ୍ରକ୍ରିୟାରେ ୧୦୫ କାକଟପୁର ନିର୍ବାଚନ ମଣ୍ଡଳୀରେ ପୂର୍ବରୁ ୨୮୦ ବୁଥ୍ ଥିବାବେଳେ ବର୍ତ୍ତମାନ ୩୯ଟି ବୃଦ୍ଧି ପାଇ ୩୧୯ ହୋଇଛି। ସେହିପରି ୧୦୬ ନିମାପଡା ନିର୍ବାଚନ ମଣ୍ଡଳୀରେ ୪୨ ବୃଦ୍ଧି ପାଇ ୩୨୨, ୧୦୭ ପୁରୀ ସଦର ନିର୍ବାଚନ ମଣ୍ଡଳୀରେ ୩୭ ବୃଦ୍ଧି ପାଇ ୨୮୭, ୧୦୮ ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀରେ ୩୨ ବୃଦ୍ଧି ପାଇ ୩୦୩, ୧୦୯ ସତ୍ୟବାଦୀ ନିର୍ବାଚନ ମଣ୍ଡଳୀରେ ୨୬ଟି ବୃଦ୍ଧି ପାଇ ୨୮୦ ଓ ୧୧୦ ପିପିଲି ନିର୍ବାଚନ ମଣ୍ଡଳୀରେ ୩୮ଟି ବୁଥ୍ ବୃଦ୍ଧି ପାଇ ୩୧୨ଟି ବୁଥ୍‌ରେ ପହଞ୍ଚିଛି।



## ସିଦ୍ଧ ବକୁଳ ମଠରେ ସ୍କନ୍ଧ ପୁରାଣ

ପୁରୀ,୨୪।୧୨(ସମିସ): ଶ୍ରୀଜଗନ୍ନାଥ ଚେତନାରେ ବିଶ୍ୱ ଅମୃତମୟ ହେଉ ବୋଲି କହିଛନ୍ତି ଶ୍ରୀମନ୍ଦିର ଛତିଶା ନିଯୋଗ ନାୟକ ଜନାର୍ଦ୍ଦନ ପାଟଯୋଶୀ ମହାପାତ୍ର। ମହନ୍ତ ଶ୍ରୀନିବାସ ଦାସଙ୍କ ଅଧ୍ୟକ୍ଷତାରେ ସନ୍ଥ ହରିଦାସଙ୍କ ସାଧନା ପୀଠ ସିଦ୍ଧ ବକୁଳ ମଠରେ ଅନୁଷ୍ଠିତ ସ୍କନ୍ଧ ପୁରାଣ ପ୍ରବଚନରେ ଯୋଗଦାନ କରି ଶ୍ରୀ ମହାପାତ୍ର ଠାକୁରଙ୍କ ନୀତି ଓ ଯାନିଯାତ୍ରା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଗବେଷକ ବଦ୍ରି ମିଶ୍ର କହିଥିଲେ ଯେ, ଶ୍ରୀଜଗନ୍ନାଥ ସଂସ୍କୃତି, ଧର୍ମଧାରା ଓ ପରମ୍ପରାରେ ଆମ ସମାଜ ଓ ସାହିତ୍ୟ ବିକାଶମୁଖୀ। ଏହାକୁ ରକ୍ଷା କରିବା ପ୍ରତିଟି ଜଗନ୍ନାଥ ଭକ୍ତର ଦାୟିତ୍ୱ। ପାଞ୍ଚଦିନ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ବିଶିଷ୍ଟ ଯୁବ ପ୍ରବଚକ ପଣ୍ଡିତ ଇପ୍‌ସିତ ମିଶ୍ର, ସ୍କନ୍ଧ ପୁରାଣ ଉପରେ ଆଧାରିତ ତଥ୍ୟ ଓ ସୂଚନା ଉପରେ ଭକ୍ତଙ୍କୁ ଉଦ୍‌ବୋଧନ ଦେଇଥିଲେ। କାର୍ଯ୍ୟକ୍ରମରେ ଗବେଷକ ତଥା ବରିଷ୍ଠ ସେବାୟତ ନୀଳମଣି ଗୁରୁ ଅତିଥି ଭାବେ ଯୋଗଦେଇଥିବା ବେଳେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ମହନ୍ତ ପ୍ରେମାନନ୍ଦ ଦାସ।

## ଆଜି ବଡ଼ଦିନ — ଧରାବତରଣ କଲେ ଯୀଶୁ, ସ୍ୱାଗତ କଲେ ଶ୍ରଦ୍ଧାଳୁ

ପୁରୀ,୨୪।୧୨(ସମିସ): ଗୁରୁବାର ବଡ଼ଦିନ। ଉତ୍ସାହ ଓ ଉଦ୍ଦୀପନାର ସହ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ଜନ୍ମତିଥି ବଡ଼ଦିନ ପର୍ବ ରୂପେ ପାଳିତ ହେଉଛି। ବଡ଼ଦିନର ଅବ୍ୟବହିତ ପୂର୍ବରୁ ବୁଧବାର ମଧ୍ୟରାତ୍ରରେ ପୁରୀ ସହରର କ୍ୟାଥଲିକ ଓ ବାପ୍‌ଟିଷ୍ଟ ଚର୍ଚ୍ଚରେ ସୃଷ୍ଟି ହୋଇଥିଲା ଆଧ୍ୟାତ୍ମିକ ପରିବେଶ। ମହାଆଡମ୍ବରରେ ସମ୍ପନ୍ନ ହୋଇଥିଲା ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ଜନ୍ମବିଧି। ଏଥିପାଇଁ ଚର୍ଚ୍ଚଦ୍ୱୟ ରଙ୍ଗୀନ ଆଲୋକମାଳାରେ ଝଲସି ଉଠୁଛି। ଖ୍ରୀଷ୍ଟିୟାନ ଧର୍ମାବଲମ୍ବୀ ଭକ୍ତିଭାବନା ସହକାରେ ମଧ୍ୟରାତ୍ର ସ୍ୱତନ୍ତ୍ର ପ୍ରାର୍ଥନାରେ ଯୋଗଦେଇଥିଲେ। ବୁଧବାର ସନ୍ଧ୍ୟା ପରେ ଚର୍ଚ୍ଚକୁ ଖ୍ରୀଷ୍ଟଧର୍ମାବଲମ୍ବୀଙ୍କ ଧାଡ଼ି ଛୁଟିଥିଲା। ଭକ୍ତିପୂତ ପରିବେଶରେ ସ୍ୱତନ୍ତ୍ର ପ୍ରାର୍ଥନା ସମାବେଶରେ ଭାଗ ନେଇଥିଲେ। କ୍ୟାଥଲିକ୍ ଚର୍ଚ୍ଚ ଫାଦରଙ୍କ ଦ୍ୱାରା ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ଜନ୍ମବିଧି ପାରମ୍ପରିକ ବିଧିବିଧାନ ଅନୁଯାୟୀ ସମ୍ପନ୍ନ ହୋଇଥିଲା। ଚର୍ଚ୍ଚ ପରିସରରେ ନିର୍ମିତ ଅସ୍ଥାୟୀ ଗୁହାଳରୁ ଫାଦର ନବଜାତ ଯୀଶୁଙ୍କ ମୂର୍ତ୍ତି ଚର୍ଚ୍ଚକୁ ଆଣିଥିଲେ। ଏହି ଅବସରରେ ସୁଶ୍ରାବ୍ୟ ସଙ୍ଗୀତ ଗାନ କରାଯାଇଥିଲା। ଚର୍ଚ୍ଚ ପରିସରରେ ସୃଷ୍ଟି ହୋଇଥିଲା ଆବେଗପୂର୍ଣ୍ଣ ପରିବେଶ। ଫାଦର ନବଜାତ ଯୀଶୁଙ୍କ ମୂର୍ତ୍ତି ପ୍ରାର୍ଥନା ଗୃହକୁ ନେଇଥିଲେ। ଏହି ଅବସରରେ ପ୍ରଭୁ ଯୀଶୁଙ୍କ ଉଦ୍ଦେଶ୍ୟରେ ଦିବ୍ୟ ପ୍ରସାଦ ସମର୍ପଣ କରାଯିବା ସହିତ ଶ୍ରଦ୍ଧାଳୁଙ୍କୁ ବିତରଣ କରାଯାଇଥିଲା। ବଡ଼ଦିନ ଉପଲକ୍ଷେ ଆୟୋଜିତ ସ୍ୱତନ୍ତ୍ର ମଧ୍ୟରାତ୍ର ପ୍ରାର୍ଥନା ସମାବେଶ ପରେ ଶ୍ରଦ୍ଧାଳୁମାନେ ପରସ୍ପରକୁ ଆଲିଙ୍ଗନପୂର୍ବକ ଅଭିନନ୍ଦନ ଜଣାଇଥିଲେ। ନେତାଜୀ ସୁଭାଷ ବୋଷ ଛକସ୍ଥିତ ବାପ୍‌ଟିଷ୍ଟ ଚର୍ଚ୍ଚରେ ମଧ୍ୟ ପାରମ୍ପରିକ ରୀତିରେ ଏହା ସମ୍ପନ୍ନ ହୋଇଥିଲା। ମଧ୍ୟରାତ୍ର ପ୍ରାର୍ଥନା ସମାବେଶରେ ବହୁ ଖ୍ରୀଷ୍ଟ ଧର୍ମାବଲମ୍ବୀ ଯୋଗଦେଇଥିଲେ। ଚର୍ଚ୍ଚର ଫାଦର ଦିବ୍ୟବାଣୀ ଉଚ୍ଚାରଣ କରିଥିଲେ। ପ୍ରାର୍ଥନା ପରେ ପରସ୍ପରକୁ ଖ୍ରୀଷ୍ଟମାସ ଅଭିନନ୍ଦନ ଜଣାଇଥିଲେ। କେବଳ ଖ୍ରୀଷ୍ଟିୟାନ ନୁହନ୍ତି, ଅନ୍ୟ ଧର୍ମର ଲୋକେ ଏହି ପବିତ୍ର ମୁହୂର୍ତ୍ତକୁ ଉପଭୋଗ କରିଥିଲେ।

## ବାଲି ଓ ସେଓରେ ବିଶ୍ୱର ସବୁଠୁ ବଡ଼ ସାନ୍ତା କ୍ଲଜ




ପୁରୀ,୨୪।୧୨(ସମିସ): ଗୁରୁବାର ବଡଦିନ। ଏହାର ଅବ୍ୟବହିତ ପୂର୍ବରୁ ବୁଧବାର ପୁରୀ ବେଳାଭୂମିରେ ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ପ୍ରସ୍ତୁତ କରିଛନ୍ତି ବିଶାଳ ସାନ୍ତା କ୍ଲଜ। ବାଲି ଓ ସେଓରେ ବିଶ୍ୱର ସବୁଠୁ ବଡ଼ ସାନ୍ତା କ୍ଲଜ ପ୍ରସ୍ତୁତି କରି ସୁଦର୍ଶନ ପୁଣି ଏକ ବିଶ୍ୱରେକର୍ଡ ପାଇଁ ପ୍ରୟାସ କରିଛନ୍ତି। ଏହାର ସ୍ୱତନ୍ତ୍ରତା ହେଉଛି ଏଥିରେ ସେ ୧.୫ ଟନ୍ ସେଓ ବ୍ୟବହାର କରି ବିଶ୍ୱବାସୀଙ୍କୁ ବଡ଼ଦିନର ଅଭିନନ୍ଦନ ଜଣାଇଛନ୍ତି। ୬୦ ଫୁଟ ଲମ୍ବ, ୪୫ ଫୁଟ ଚଉଡା ଏବଂ ୨୨ ଫୁଟ ଉଚ୍ଚତାର ଏହି ବିରାଟ ସାନ୍ତା କ୍ଲଜ ସମସ୍ତଙ୍କ ଆକର୍ଷଣ ସାଜୁଛି। ଏହାକୁ ନିଜର ୩୦ ଜଣ ଛାତ୍ରଛାତ୍ରୀଙ୍କ ସହ ମିଶି ସୁଦର୍ଶନ ପ୍ରସ୍ତୁତ କରିଛନ୍ତି। ସମଗ୍ର ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ପାଇଁ ଏହି ବାଲୁକା କଳା ମାଧ୍ୟମରେ ବାର୍ତ୍ତା ଦିଆଯାଇଛି। ୱାର୍ଲ୍ଡ ରେକର୍ଡସ୍ ବୁକ୍ ଅଫ୍ ଇଣ୍ଡିଆରେ ଏହି କଳାକୃତିକୁ ସ୍ଥାନ ଦେବା ପାଇଁ ଆବେଦନ କରାଯାଇଛି। ଉଲ୍ଲେଖନୀୟ ଘଟଣା ହେଉଛି ଏହି ୨୨ତମ ପୁରୀ ବେଳାଭୂମି ବାଲୁକା କଳା ଉତ୍ସବକୁ ଜଣେ ଚା' ଦୋକାନୀ ପୂର୍ଣ୍ଣଚନ୍ଦ୍ର ସାହୁ ଉଦ୍‌ଘାଟନ କରିଛନ୍ତି। ଏହା ଜାନୁୟାରୀ ୧ ତାରିଖ ପର୍ଯ୍ୟନ୍ତ ରହିବ। ଏହାପରେ ବ୍ୟବହୃତ ସେଓ ପର୍ଯ୍ୟଟକଙ୍କ ମଧ୍ୟରେ ବିତରଣ କରାଯିବ ବୋଲି କହିଛନ୍ତି ସୁଦର୍ଶନ ପଟ୍ଟନାୟକ।

## ବାଲୁକା କଳାରେ ବଡ଼ଦିନର ଶୁଭେଚ୍ଛା




ପୁରୀ,୨୪।୧୨(ସମିସ): ଗୁରୁବାର ବଡଦିନ। ଏହାର ଅବ୍ୟବହିତ ପୂର୍ବରୁ ବୁଧବାର ଅପରାହ୍ଣରେ ପୁରୀ ବେଳାଭୂମିରେ ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ମାନସ କୁମାର ସାହୁ ବାଲୁକା କଳା ମାଧ୍ୟମରେ ବଡ଼ଦିନର ଶୁଭେଚ୍ଛା ଜଣାଇଛନ୍ତି। ବଡ଼ଦିନ ଉପଲକ୍ଷେ ଲାଇଟ ହାଉସ୍ ନିକଟ ବେଳାଭୂମିସ୍ଥିତ ମାନସ ସାହୁ ସ୍ୟାଣ୍ଡ ଆର୍ଟ ପାର୍କରେ ବାଲୁକା କଳା ନିର୍ମାଣ ହୋଇଛି। ଏହି ବାଲୁକା କଳାରେ ସାରା ବିଶ୍ୱକୁ ମେରୀ ଖ୍ରୀଷ୍ଟମାସର ବାର୍ତ୍ତା ଦେଇଛନ୍ତି ମାନସ। ପାର୍କରେ ସେ ୩ଟି ମୂର୍ତ୍ତି କରିଛନ୍ତି। ଯେଉଁଥିରେ ବିଶ୍ୱଶାନ୍ତିର ବାର୍ତ୍ତା ରହିଛି। ଏହି ବାଲୁକା କଳା ତିଆରି କରିବା ଲାଗି ମାନସଙ୍କୁ ୫ ଦିନ ସମୟ ଲାଗିଛି। ତାଙ୍କ ଅନୁଷ୍ଠାନର ଛାତ୍ରୀ ଇତିଶ୍ରୀ ସାହୁ, ସଚ୍ଚିଦାନନ୍ଦ ପ୍ରଧାନ ଏହି ବାଲୁକା କଳ ତିଆରି କରିବାରେ ତାଙ୍କୁ ସହଯୋଗ କରିଥିବା କହିଛନ୍ତି ମାନସ।

## ଆମ୍ୟୁଜ୍‌ମେଣ୍ଟ ପାର୍କ ଉଦ୍‌ଘାଟିତ

ପୁରୀ,୨୪।୧୨(ସମିସ): ପୁରୀ-କୋଣାର୍କ ରାସ୍ତାର ବେଲଦଳ ନିକଟରେ ଥିବା ବ୍ଲୁ ସ୍ଲାସ ୱାଟର ପାର୍କ ସହ ଯୋଡି ହୋଇଛି କ୍ରୀଡା ମନୋରଞ୍ଜନର ସମ୍ଭାର। ପର୍ଯ୍ୟଟକ ତଥା ପୁରୀ ଓ ଏହାର ଆଖାପାଖ ଅଞ୍ଚଳବାସୀଙ୍କୁ ଜାତୀୟସ୍ତରର କ୍ରୀଡା ଅନୁଭୂତି ଦେବା ପାଇଁ ଆରମ୍ଭ ହୋଇଛି 'ଆମ୍ୟୁଜମେଣ୍ଟ ପାର୍କ'। ଏଠାରେ ରେଞ୍ଜର, ଅକ୍ଟୋପସ, କଲମ୍ବସ, କ୍ୱାର୍ଟର ପିଲାର, ଫ୍ରିଜ-ବି, ବଙ୍ଗି ଜମ୍ପ, ଫ୍ରି-ଫଲ୍ ଭଳି ମନୋରଞ୍ଜନ କ୍ରୀଡାର ସମ୍ଭାର ଆଣି ଦେଇଛି। ବୁଧବାର ଚେୟାରମ୍ୟାନ ରମନ କୁମାର ପୂଜାରୀ ଏହି ପାର୍କକୁ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ପରିଚାଳନା ନିର୍ଦ୍ଦେଶକ ରାଜୀବ ପୂଜାରୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ରାଜୀବ କହିଛନ୍ତି, ପର୍ଯ୍ୟଟକ କେବଳ ଶ୍ରୀମନ୍ଦିର ଓ ସମୁଦ୍ର ଭ୍ରମଣ ପରେ ସେମାନଙ୍କ ମନୋରଞ୍ଜନ ଲାଗି ସେଭଳି ଉନ୍ନତମାନର ଭିତ୍ତିଭୂମି ନାହିଁ। ପୁରୀରୁ କୋଣାର୍କ ଯିବା ରାସ୍ତାରେ ପର୍ଯ୍ୟଟକମାନେ ଯେଭଳି ମନୋରଞ୍ଜନର ଅବସର ନେଇପାରିବେ ସେଥିପାଇଁ ଏହି ଆମ୍ୟୁଜମେଣ୍ଟ ପାର୍କ କରାଯାଇଛି। ଲୋକେ ୱାଟର ପାର୍କରେ ଜଳ କ୍ରୀଡା ସହ ବିଭିନ୍ନ ମଜାଦାର ଖେଳ ଉପଭୋଗ କରିପାରିବେ। ସୁରକ୍ଷା ବ୍ୟବସ୍ଥାକୁ ଅଗ୍ରାଧିକାର ଦିଆଯାଇଛି ଏବଂ ଏଥିପାଇଁ ଦକ୍ଷ ବ୍ୟକ୍ତିବିଶେଷଙ୍କୁ ନିୟୋଜିତ କରାଯାଇଛି। ନୂଆବର୍ଷରେ ସ୍ୱତନ୍ତ୍ର କମ୍ବୋ ଅଫର ରଖାଯାଇଛି। ଏଥିସହ ପର୍ଯ୍ୟଟକ ୧୦୦ ସିଟ୍ ବିଶିଷ୍ଟ ରେସ୍ତୋରାଁରେ ଓଡିଶାର ଥାଳି ସହ ଦକ୍ଷିଣ ଭାରତୀୟ ଓ ଚାଇନିଜ ଖାଦ୍ୟର ମଜା ନେଇପାରିବେ ବୋଲି ରାଜୀବ କହିଛନ୍ତି।



## ଯୋଗକେନ୍ଦ୍ରର ପ୍ରଥମ ସ୍ଥାପନା ଦିବସ

ପୁରୀ,୨୪।୧୨(ସମିସ): ଭାରତୀୟ ଯୋଗ ସଂସ୍ଥାନ (ପଞ୍ଜୀକୃତ) ପୁରୀ ଯୋଗ ଜିଲ୍ଲାସ୍ଥିତ ମା' ମଙ୍ଗଳା କଲ୍ୟାଣ ମଣ୍ଡପ (ରାମିତୋଟା) ମାଟିତୋଟା ଯୋଗ କେନ୍ଦ୍ରର ପ୍ରଥମ ସ୍ଥାପନା ଦିବସ ବୁଧବାର ପାଳିତ ହୋଇଯାଇଛି। ଶ୍ରୀଜଗନ୍ନାଥ କ୍ଷେତ୍ର ପ୍ରଧାନ ପଞ୍ଚାନନ ବେହେରା, କେନ୍ଦ୍ର ପ୍ରମୁଖ ତ୍ରିଲୋଚନ ସାହୁ, ଦୁର୍ଯ୍ୟୋଧନ ବିଶ୍ୱାଳ ଯୋଗାଭ୍ୟାସ କରାଇଥିଲେ। ସମାଜସେବୀ ଭାବେ ଅର୍ଜୁନ ପାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଯୋଗ ଜିଲ୍ଲାର ଉପଦେଷ୍ଟା ବିବି ରାମ ସ୍ୱାଇଁ, ଜିଲ୍ଲା ପ୍ରଧାନ ମନମୋହନ ମହାପାତ୍ର, ଯୋଗ ଜିଲ୍ଲା ସଙ୍ଗଠନ ମନ୍ତ୍ରୀ ନିରଞ୍ଜନ ରାଉତ, ଶିକ୍ଷାବିତ୍ ସସ୍ମିତା ରାଉତରାୟ, ସନ୍ତୋଷ ମହାପାତ୍ରଙ୍କ ସମେତ ଶ୍ରୀଜଗନ୍ନାଥ ଯୋଗ କ୍ଷେତ୍ର ତଥା ଗୁଣ୍ଡିଚା ବିହାର ଯୋଗ କ୍ଷେତ୍ରର ପ୍ରଧାନ ଓ ଅଧିକାରୀ ଗଣ ମଞ୍ଚାସିନ ଥିଲେ। ବହୁ ସାଧକ, ସାଧିକା ଉପସ୍ଥିତ ଥିଲେ। ମଞ୍ଚ ସଞ୍ଚାଳନ ଉପ ପ୍ରମୁଖ ସୁକାନ୍ତ କୁମାର ସ୍ୱାଇଁ କରିଥିବାବେଳେ ବିଦ୍ୟାଧର ପରିଡା, ମାନସ ମହାପାତ୍ର ମଞ୍ଚ ପରିଚାଳନାରେ ସହଯୋଗ କରିଥିଲେ। ଶ୍ରବଣ କୁମାର ପ୍ରଧାନ ଧନ୍ୟବାଦ ଦେଇଥିଲେ। ଶ୍ରେୟାସାଲୋନୀ, ଅଙ୍କିତା, ପିହୁ ଓ ସାଇସିଦ୍ଧି ସାଂସ୍କୃତିକ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ନୂତନ ଛାତ୍ରଛାତ୍ରୀଙ୍କ ସ୍ୱାଗତ ସମାରୋହ

ପୁରୀ,୨୪।୧୨(ସମିସ): ଶ୍ରୀଜଗନ୍ନାଥ ଭେଷଜ ମହାବିଦ୍ୟାଳୟ ସମ୍ମୁଖ ତଥା ସ୍ଥାନୀୟ ବାଲିଗୁଆଳିସ୍ଥିତ ପ୍ରିୟଦର୍ଶିନୀ କଲେଜ ଅଫ୍ ନର୍ସିଂ ଆଣ୍ଡ ଆଲାଏଡ ହେଲ୍‌ଥ ସାଇନସେସ୍‌ରେ ୨୦୨୫ ବର୍ଷରେ ନାମ ଲେଖାଇଥିବା ନୂତନ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ୱାଗତ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ସମାରୋହ ଅନୁଷ୍ଠାନର ଅଧ୍ୟକ୍ଷ ମନୋରମା ଶତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ସଭାରେ ଶ୍ରୀଜଗନ୍ନାଥ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟର ପ୍ରଫେସର ଡା. ଅମରେନ୍ଦ୍ର ନାୟକ ମୁଖ୍ୟଅତିଥି, ନୟାଗଡସ୍ଥିତ ଦିବ୍ୟଜ୍ୟୋତି ଚିକିତ୍ସାଳୟର ପରିଚାଳନା ନିର୍ଦ୍ଦେଶକ ଡା. ରମେଶ ଚନ୍ଦ୍ର ଦାଶ ମୁଖ୍ୟବକ୍ତା, ସମ୍ମାନିତ ଅତିଥି ଭାବେ ସିପିଏସ୍ ପୁରୀର ଅଧ୍ୟକ୍ଷ ଅମୀୟକାନ୍ତ ମିଶ୍ର, ଓୟୁଏଚ୍‌ଏସ୍‌ର ଡିନ୍ ଡ. ସନ୍ତୋଷ କୁମାର ମହାପାତ୍ର ଓ ଡ. ଜୟପ୍ରକାଶ ଦାଶ ଯୋଗଦେଇ ନୂତନ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ ସହ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ମଙ୍ଗଳ କାମନା କରିଥିଲେ। ଏହି ସମାରୋହରେ ପୂର୍ବ ବର୍ଷ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ନୂତନ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ବିଭିନ୍ନ ପ୍ରକାର ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହାଦ୍ୱାରା ପରସ୍ପର ଛାତ୍ରଛାତ୍ରୀଙ୍କ ମଧ୍ୟରେ ସୁସମ୍ପର୍କ ସ୍ଥାପନ ହେବା ସହିତ ମହାବିଦ୍ୟାଳୟରେ ବିଭିନ୍ନ ସମୟରେ ହେଉଥିବା ରାଗିଂକୁ ରୋକାଯାଇପାରିବ ବୋଲି ଅତିଥି ମାନେ ମତପ୍ରକାଶ କରିଥିଲେ। ଏହାକୁ ଅନୁଷ୍ଠାନର ଅଧ୍ୟାପିକା ସୁଚିସ୍ମିତା ମହାନ୍ତି, ପଦ୍ମିନୀ ଜେନା, ବିଦ୍ୟୁସ୍ମିତା ପ୍ରଧାନ ଓ ଅଫିସ୍ ପରିଚାଳକ ସରୋଜ ବିହାରୀ ମିଶ୍ର ପରିଚାଳନା କରିବା ସହିତ ଅଧ୍ୟାପିକା ଅନ୍ୱେଷା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।




ବ୍ୟବସ୍ଥା ନାହିଁ; ଦହଗଞ୍ଜ ହେଉଛନ୍ତି ଚାଳକ

# ପ୍ରଦୂଷଣ ପ୍ରମାଣପତ୍ର ପାଇଁ ରାତି ୧୦ ପର୍ଯ୍ୟନ୍ତ ଲମ୍ବା ଧାଡ଼ି

ପୁରୀ,୨୪।୧୨(ସମିସ): ପରିବହନ ବିଭାଗର ନିର୍ଦ୍ଦେଶ ପରେ ଛାନିଆ ହୋଇପଡିଛନ୍ତି ଗାଡି ମାଲିକ। ମୋଟା ଅଙ୍କର ଜରିମାନା ଗଣିବାର ଭୟ ଘାରିଛି। ତେଣୁ ପଲ୍ୟୁସନ ଅଣ୍ଡର କଣ୍ଟ୍ରୋଲ ସାର୍ଟିଫିକେଟ (ପିୟୁସିସି) ନବୀକରଣକୁ ନେଇ ପୁରୀରେ ଏକ ଅଭାବନୀୟ ପରିସ୍ଥିତି ଦେଖିବାକୁ ମିଳୁଛି। ସକାଳୁ ରାତି ପର୍ଯ୍ୟନ୍ତ ପ୍ରଦୂଷଣ ପ୍ରମାଣପତ୍ର ପାଇଁ ଲମ୍ବା ଧାଡି ଲାଗୁଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏଥିପାଇଁ ସରକାରୀ ସ୍ତରରେ କୌଣସି ବ୍ୟବସ୍ଥା ନ ଥିବାରୁ ପ୍ରମାଣପତ୍ର ଦେଉଥିବା ଏଜେନ୍ସିର ଗାଡି ସମ୍ମୁଖରେ ସକାଳୁ ରାତି ୧୦ଟା ପର୍ଯ୍ୟନ୍ତ ଲମ୍ବା ଧାଡି ଜମୁଛି। ଏଠାରେ ବାଇକ୍‌ଧାରୀଙ୍କ ସଂଖ୍ୟା ଦୃଷ୍ଟିରୁ ପ୍ରଦୂଷଣ ଯାଞ୍ଚ ଲାଗି ମାତ୍ର ଗୋଟିଏ ସଂସ୍ଥାର ଗାଡି ଜେଲ୍‌ରୋଡ୍‌ରେ ଛିଡା ହେଉଥିବାରୁ ବେଳେ ବେଳେ ଟ୍ରାଫିକ ସମସ୍ୟା ବି ଉପୁଜୁଛି। ଘଣ୍ଟାଘଣ୍ଟା ଧରି ଧାଡିରେ ଛିଡା ହେଉଛନ୍ତି ଚାଳକ।

ଜାନୁଆରୀ ୧ରୁ ପ୍ରଦୂଷଣ ପ୍ରମାଣପତ୍ର ଯାଞ୍ଚ କଡାକଡି ହେବ ବୋଲି ପୂର୍ବରୁ ଘୋଷଣା କରାଯାଇଥିଲା। ମଙ୍ଗଳବାର ଏହି ଅବଧିକୁ ଫେବୃଆରୀ ୧ ପର୍ଯ୍ୟନ୍ତ ବଢା ଯାଇଛି। ତେଣୁ ଜାନୁଆରୀ ପହିଲା ପୂର୍ବରୁ ପ୍ରଦୂଷଣ ପ୍ରମାଣପତ୍ର କରାଇନେବା ଟେନ୍‌ସନରେ ଥିବା ଲୋକେ ସାମାନ୍ୟ ଆଶ୍ୱସ୍ତି ଅନୁଭବ କରିଛନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ପୁରୀରେ ଏଥିପାଇଁ ଆବଶ୍ୟକ ବ୍ୟବସ୍ଥା ନାହିଁ କହିଲେ ଚଳେ।



ଓଡିଶା ଅର୍ଥନୈତିକ ସର୍ବେକ୍ଷଣ ରିପୋର୍ଟ ମୁତାବକ, ୨୦୨୨ରେ ଜିଲ୍ଲାରେ ମୋଟର ସାଇକେଲ୍ ସଂଖ୍ୟା ଥିଲା ୧,୮୬,୪୭୨। ଏହା ୨୦୨୩ରେ ୨,୦୩,୩୭୮କୁ ବୃଦ୍ଧି ପାଇଥିବା ବେଳେ ୨୦୨୪ରେ ଏହି ସଂଖ୍ୟା ୨,୧୫,୭୭୬ରେ ପହଞ୍ଚିଛି। ସେହିଭଳି କାର୍ ସଂଖ୍ୟା ୨୦୨୨ରୁ ୨୦୨୪ ମଧ୍ୟରେ ଯଥାକ୍ରମେ ୩୬୧୦, ୩୮୭୨ ଓ ୪୪୮୦ରେ ପହଞ୍ଚିଛି। କିନ୍ତୁ ବାଇକ୍ କଥା ଦେଖିଲେ ୨ଲକ୍ଷ ୧୫ ହଜାର ଗାଡିର ପ୍ରଦୂଷଣ ପ୍ରମାଣପତ୍ର ପ୍ରସ୍ତୁତ କରିବାକୁ ବ୍ୟବସ୍ଥା ଉପଲବ୍ଧ ନାହିଁ। ଅଧିକାଂଶ ନିଜ ଗାଡିର ପ୍ରଦୂଷଣ ପ୍ରମାଣପତ୍ର କରିନାହାନ୍ତି। ସେହିପରି ଅନେକଙ୍କର ପ୍ରଦୂଷଣର ଅବଧି ଦୀର୍ଘଦିନରୁ ସରିଯାଇଛି। ତେଣୁ ସ୍ୱଳ୍ପ ସମୟ ଭିତରେ ଏତେ ବାଇକ୍‌ର ପ୍ରଦୂଷଣ ଯାଞ୍ଚ କରିବା କାଠିକାର ପାଠ ବୋଲି କୁହାଯାଉଛି। ଅନ୍ତତଃ ଆଇନ କରିବା ପୂର୍ବରୁ ସରକାର ପ୍ରଦୂଷଣ ପ୍ରମାଣପତ୍ର ପ୍ରସ୍ତୁତ କରୁଥିବା ଅଧିକ ଏଜେନ୍ସିକୁ ନିୟୋଜିତ କରିବାକୁ ଦାବି କରାଯାଉଛି।

